



ଏହି ଶୋଷକ ପୋକମାନେ ମୁଗରେ ଅଧିକ ପରିମାଣରେ ଲାଗିଥାଆନ୍ତି । ଜଉପୋକ ଫୁଲ, ଛୁଇଁ ଓ ପତ୍ରରୁ ରସଶୋଷି ଖାଇବା ଯୋଗୁଁ ଆକ୍ରାନ୍ତ ଛୁଇଁ ଶୁଖିଯାଏ । ପୋକଠାରୁ ଝରୁଥିବା ମଧୁ ଶିଶିର ପତ୍ର ଉପରେ ପଡ଼ି ପତ୍ର କଳା ଫିମ୍ପି ମାଡ଼ିଯାଏ । ଧଳା ମାଛିମାନେ ସାହେବୀ ରୋଗର ବାହକ ହୋଇଥାନ୍ତି ।

ଏମାନଙ୍କ ଦମନ ନିମନ୍ତେ ଏକର ପ୍ରତି ଇମିଡ଼ାକ୍ଲୋପିଡ୍ ଔଷଧ ୫୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଏବଂ ଏହାର ୧୦ ଦିନ ଅନ୍ତରରେ ପର୍ଯ୍ୟାୟ କ୍ରମେ ଥାୟୋମିଥୋକ୍ସାମ୍ ଔଷଧ ଏକର ପିଛା ୪୦ ଗ୍ରାମ୍ ହିସାବରେ ସିଞ୍ଚନ କରନ୍ତୁ । ଏକର ପ୍ରତି ୬ ରୁ ୮ଟି ହଳଦିଆ ଅଠାଳିଆ ଯନ୍ତା ବ୍ୟବହାର କରନ୍ତୁ ।

### କାଳିମୁଣ୍ଡି ପୋକ



ଖରାଦିନେ ମାଟି ଫାଟ ଭିତରେ ଲୁଚି ରୁହନ୍ତି । ରାତିରେ ଦଳ ଦଳ ହୋଇ ଗଛମାନଙ୍କୁ କାଟି କାଟି ଖାଆନ୍ତି ଓ ହିଡ଼ ଡ଼େଇଁ କିଆରି କି କିଆରି ବ୍ୟାପି ଥାଆନ୍ତି । ଏମାନଙ୍କ ଦମନ ନିମନ୍ତେ କ୍ଲୋରୋପାଇରିଫସ୍ ଗୁଣ୍ଡକୁ କିଆରି ଚାରିପାଖରେ ପଟି ପରି ପକାନ୍ତୁ ଏବଂ ଏକର ପ୍ରତି ୧୦୦ ଗ୍ରାମ୍ ଥାୟୋଡ଼ିକାର୍ଭ (ଲାର୍ଭିନ) ୨୦୦ ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



**ଛୁଇଁବିନ୍ଧା ପୋକ :** ଏହି କୀଟର ଶୁକ ପତ୍ର ଖାଇବା ପରେ ଛୁଇଁ କଣା କରି ଭିତରେ ଥିବା ମଞ୍ଜି ଖାଇଦିଏ । ଖରାଟିଆ ଚାଷ କରି ଖୋସା ମଧ୍ୟରେ ସୁପ୍ତ ଅବସ୍ଥାରେ ଥିବା ପୋକମାନଙ୍କୁ ନଷ୍ଟ କରିଦେବା ଆବଶ୍ୟକ । ଏହାର ନିୟନ୍ତ୍ରଣ ନିମନ୍ତେ ହେକ୍ଟର ପ୍ରତି ୧୫-୨୦ଟି ଫେରୋମୋନ୍ ଯନ୍ତା ବସାନ୍ତୁ । ନିମ୍ବ ତେଲର ପ୍ରୟୋଗ ୫ ମି.ଲି. ଏକ ଲିଟର ପାଣିରେ କିଛି ସାମ୍ପୋ କିମ୍ବା ଡିଟରଜେଣ୍ଟ ପାଉଡ଼ର ସହ କରନ୍ତୁ ।

ହେକ୍ଟର ପିଛା ୧୦୦୦ ମି.ଲି. ହିସାବରେ କ୍ୱିନାଲଫସ୍ ଔଷଧର ସିଞ୍ଚନ ଫୁଲ ଆସିବା ସମୟରେ ଏବଂ ତାର ୧୫ ଦିନ ପରେ ଆଉଥରେ କରନ୍ତୁ ।

### ଅମଳ

ମୁଗରୁ ହେକ୍ଟର ପିଛା ୧୨-୧୬ କ୍ୱିଣ୍ଟାଲ୍ ଅମଳ ମିଳିଥାଏ । ସାଧାରଣତଃ ସପ୍ତାହ ଅନ୍ତରରେ ୨ ରୁ ୫ ଥର ଅମଳ କରାଯାଇଥାଏ । ଫସଲକୁ ସାଇତି ରଖିବା ପୂର୍ବରୁ ଭଲ ଭାବରେ ଶୁଖାଇବା ଦରକାର ।

## ମୁଗର ହେକ୍ଟର ପିଛା ଖର୍ଚ୍ଚ ଓ ଆୟର ହିସାବ

| କ୍ର.ନଂ. | ଉପାଦାନ | ପରିମାଣ | ମୋଟ୍ ଖର୍ଚ୍ଚ (ଟଙ୍କା) |
|---|---|---|---|
| ୧. | ମଞ୍ଜି | ୨୫ କେଜି | ଟ.୨୦୫୦.୦୦ |
| ୨. | ଖତ ଓ ଜୀବାଣୁ ସାର | | ଟ.୨୪୦୦.୦୦ |
| ୩. | ସାର | ୨୦-୪୦-୨୦ | ଟ.୩୦୦୦.୦୦ |
| ୪. | ଅଣୁସାର | | ଟ.୬୦୦.୦୦ |
| ୫. | ରୋଗ ପୋକ ସୁରକ୍ଷା | | ଟ.୧୫୦୦.୦୦ |
| ୬. | ଘାସମରା ଔଷଧ | | ଟ.୪୦୦.୦୦ |
| ୭. | ଟ୍ରାକ୍ଟର ଦ୍ୱାରା ଜମି ପ୍ରସ୍ତୁତି | ୬ ଘଣ୍ଟା | ଟ.୧୩୦୦.୦୦ |
| ୮. | ମଞ୍ଜି ବିଶୋଧନ (ଥିରାମ୍) | | ଟ.୩୫୦.୦୦ |

ମୋଟ୍ ଖର୍ଚ୍ଚ ଟ.୧୧୬୦୦.୦୦

ମୋଟ୍ ହାରାହାରି ଅମଳ - ୭ କ୍ୱିଂଟାଲ୍

ସମୁଦାୟ ଆୟ - ଟ.୨୮୦୦୦.୦୦

ମୋଟ୍ ହାରାହାରି ଆୟ - ଟ.୧୬,୪୦୦.୦୦



**ହେକ୍ଟର ପିଛା ମୁଗରୁ ୧୬,୦୦୦/- ଟଙ୍କା ଲାଭ ମିଳିଥାଏ ।**

# ବୈଜ୍ଞାନିକ ପ୍ରଣାଳୀରେ ମୁଗ ଚାଷ




ଲେଖିକା

**ଶ୍ରୀମତୀ ଇପ୍‌ସୀତା ମିଶ୍ର**

ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)

ସଂପାଦିକା

**ଡ. ବିନୀତା ଶତପଥି**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**

# ବୈଜ୍ଞାନିକ ପ୍ରଣାଳୀରେ ମୁଗ ଚାଷ

ଆମ ଚାଷୀ ଭାଇମାନେ ବିଭିନ୍ନ ପ୍ରକାରର ଡାଲିଜାତୀୟ ଫସଲ ଯଥା ମୁଗ, ବିରି, ହରଡ଼, ବୁଟ, ବରଗୁଡ଼ି, କୋଳଥ ଇତ୍ୟାଦି ଚାଷ କରନ୍ତି । ମୁଗ ଡାଲି ଚାଷୀମାନଙ୍କର ପୁଷ୍ଟିକାରକ ଖାଦ୍ୟ ଭାବେ ବହୁଳ ଆଦୃତ । ବହୁ ପରିମାଣରେ ମୁଗ ଚାଷ ହେଉଥିବାବେଳେ ଏହାର ହେକ୍ଟର ପିଛା ଉତ୍ପାଦନ କମ୍ ।

ଓଡ଼ିଶାରେ ମୁଗ ଉତ୍ପାଦନ ୨୦୧୩-୧୪ ତଥ୍ୟ ଅନୁସାରେ

| ଏରିଆ (ଲକ୍ଷ ହେକ୍ଟର) | ଉତ୍ପାଦନ (ଲକ୍ଷ ଟନ୍) | ଅମଳ (କି.ଗ୍ରା/ହେ) | ରାଷ୍ଟ୍ରୀୟ ଅମଳ (କି.ଗ୍ରା/ହେ) |
|---|---|---|---|
| ୮.୬୯ | ୪.୧୪ | ୪୭୭ | ୪୯୭ |

**କମ୍ ଉତ୍ପାଦନର କାରଣ :**

- ଅଧିକ ଅମଳକ୍ଷମ, ରୋଗ ପୋକ ନିରୋଧକ ଓ ଋତୁ ନିର୍ଦ୍ଦିଷ୍ଟ ବିହନର ଅଭାବ ।
- ମୁଖ୍ୟ ଫସଲ ଭାବେ ଚାଷ ନ କରି ଅମୁହାଁ ବା ଛଟା ବୁଣା କରି ଯତ୍ନହୀନ ଭାବେ ଚାଷ କରିବା ।
- ଆବଶ୍ୟକ ପରିମାଣରେ ଖତ ଓ ସାର ପ୍ରୟୋଗ ନ କରିବା ।
- ବର୍ଷା ଜଳ କିମ୍ବା ମୃତ୍ତିକାର ସଂଚିତ ଆର୍ଦ୍ରତା ଉପରେ ନିର୍ଭର କରି ଆବଶ୍ୟକୀୟ ଜଳସେଚନ ଏବଂ ରୋଗ ପୋକ ପ୍ରତିକାର ବ୍ୟବସ୍ଥା ଗ୍ରହଣ ନ କରି ଚାଷ କରିବା ।

ମାଟିର ବିଭିନ୍ନ ଭୌତିକ ଓ ରାସାୟନିକ ଗୁଣ ଅଣୁସାର ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ଯଥା :

ମାଟିରେ ଜୈବିକ ଅଂଶ (୨.୦%) କମ୍ ଥିଲେ ଅଣୁସାର ଫସଲକୁ ମିଳେ ନାହିଁ ।

ବାଲିଆ ମାଟିରେ କାଦୁଅ ମାଟି ଅପେକ୍ଷା ଅଣୁସାର ଅଧିକ ମିଳିଥାଏ ।

ମାଟିରେ ଜୈବିକ ଅଂଶ (୩୦%) ଅଧିକ ଥିଲେ ମଧ୍ୟ ଅଣୁସାର ଫସଲକୁ ମିଳେ ନାହିଁ ।

ମାଟିର ପି.ଏଚ୍. ମଧ୍ୟ ବଢ଼ିଲେ ଅଣୁସାର ଫସଲକୁ ମିଳେ ନାହିଁ ।

**ଅନୁକୂଳ ପରିବେଶ :** ମୁଗ ଫସଲ ସାଧାରଣତଃ ଉଚ୍ଚ ତାପମାତ୍ରା, ଅଳ୍ପ ଆର୍ଦ୍ରତା ଓ ମଧ୍ୟମ ବର୍ଷା (୬୦-୮୦ ସେ.ମି. ବର୍ଷକୁ) ଦରକାର କରିଥାଏ । ମରୁଡ଼ି ଅଞ୍ଚଳରେ ମୁଗ କରାଯାଇପାରିବ ଓ ଖରାଟିଆ ଚାଷ ପାଇଁ ଜଳ ସେଚନର ସୁବିଧା ଆବଶ୍ୟକ କରିଥାଏ । ମୁଗ ଚାଷ ପାଇଁ ପ୍ରତିକୂଳ ତାପମାତ୍ରା ୨୮°C-୩୨°C.

**ମୃତ୍ତିକା ଓ ଜମି ପ୍ରସ୍ତୁତି :** ମୁଗ ଚାଷ ପାଇଁ ଦୋରସା ମାଟି ଉତ୍କୃଷ୍ଟ କିନ୍ତୁ ସଠିକ୍ ଜଳ ପରିଚାଳନା କରି ବିଭିନ୍ନ ପ୍ରକାର ମାଟିରେ ମଧ୍ୟ ଚାଷ କରାଯାଇଥାଏ । ଫସଲ କରିବା ପୂର୍ବରୁ ଲଙ୍ଗଳରେ ଜମିକୁ ୩ ରୁ ୪ ଓଡ଼ ଚାଷ କରି ଭଲ ଭାବରେ ଗୁଣ୍ଡ କରିବା ଦରକାର । ଶେଷ ଓଡ଼ ଚାଷ ସମୟରେ ହେକ୍ଟର ପିଛା ୫ ଟନ୍ ସଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ଜମିରେ ପକାଇବା ଉଚିତ୍ ।

**ବୁଣିବା ସମୟ :** ବର୍ଷାଦିନିଆ ମୁଗ ପାଇଁ ଜୁନ୍-ଜୁଲାଇ ମାସ ଓ ଶୀତ ଦିନିଆ ମୁଗ ପାଇଁ ଡିସେମ୍ବର-ଜାନୁଆରୀ ମାସ ପ୍ରକୃଷ୍ଟ ସମୟ ।

**ବିହନ କିସମ :**
PDM-139, OBGG-52, SML-668, PDM-154 IPM-2-3, IPM 2-14, Viraat etc.

**ବିହନ ପରିମାଣ ଓ ବିଶୋଧନ :** ଫସଲକୁ ଧାଡ଼ି ବୁଣାକଲେ ହେକ୍ଟରକୁ ୨୫ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ କିନ୍ତୁ ଛଟା ବୁଣା ପାଇଁ ହେକ୍ଟରକୁ ୩୫ କି.ଗ୍ରା. ପର୍ଯ୍ୟନ୍ତ ବିହନ ଆବଶ୍ୟକ ହୁଏ । ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନ ପ୍ରତି ୨ ଗ୍ରାମ୍ ବାଭିଷ୍ଟନ୍ ବା ୩ ଗ୍ରାମ୍ ଥିରାମ୍ ଗୋଳାଇ ବିହନ ବିଶୋଧନ କରିବା ଉଚିତ୍ । ଏହାଦ୍ୱାରା ପତ୍ର ଦାଗ, ଝାଉଁଳା ଓ ଚାରାଗଛ ପଚିଯିବା ଆଦି ଦାଉରୁ ରକ୍ଷା ମିଳେ ।

**ଖାଦ୍ୟସାର ପରିଚାଳନା :** ବୁଣିବାର ୩୦ ରୁ ୪୫ ଦିନ ପରେ ୧% ୟୁରିଆ ପତ୍ର ସିଞ୍ଚନ କଲେ ଭଲ ଅମଳ ମିଳିଥାଏ । ମୁଗ ଚାଷ ଯଦି ଧାନ ଅମଳ ପରେ ମାଟିର ବତର ଥିବା ଜମିରେ ଚାଷ କରାଯାଇଥାଏ ତାହେଲେ ୪୦ ଗ୍ରାମ୍/ଲି. NAA ଓ ୧୦୦ ମି.ଗ୍ରା./ଲି. ସାଲିସାଇକ୍ଲିକ୍ ଏସିଡ୍ ଫୁଲ ଧରିବା ପୂର୍ବରୁ ଓ ଫୁଲ ଆସିବାର ୧୫ ଦିନ ପରେ ସିଞ୍ଚନ କଲେ ଭଲ ଅମଳ ମିଳିଥାଏ ।

**ବିହନ ବୁଣା :** ବର୍ଷା ଋତୁରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଶୀତ ଓ ଗ୍ରୀଷ୍ମ ଋତୁରେ ୨୫ ସେ.ମି. ବ୍ୟବଧାନରେ ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ବୁଣିବା ଉଚିତ୍ । ବୁଣିବାର ୩-୪ ଦିନ ହେଲେ ଗଜା ଉଠି ନଥିବା ସ୍ଥାନରେ ମଞ୍ଜି ବୁଣାଯାଏ ।

**ଜଳସେଚନ :** ଖରିପ୍ ଫସଲରେ ଗୋଟିଏ ଥର ଜଳ ଆବଶ୍ୟକ ହୋଇଥାଏ (ଜମି ପ୍ରସ୍ତୁତି ପୂର୍ବରୁ) । ଶୀତ ଦିନିଆ ଫସଲରେ ୧୫-୨୦ ଦିନରେ ଥରେ ଜଳସେଚନର ଆବଶ୍ୟକତା ଥାଏ । ଜମି ସନ୍ତସନ୍ତିଆ ରହିଲେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବାର ସମ୍ଭାବନା ଥାଏ ।

**ଅନାବନା ଘାସ ନିୟନ୍ତ୍ରଣ :**
ମଞ୍ଜି ବୁଣିବାର ୨୪ ଘଣ୍ଟା ମଧ୍ୟରେ ଜମିରେ ବତର ଥିବା ଅବସ୍ଥାରେ ହେକ୍ଟର ପ୍ରତି ୨.୫ ଲିଟର ପେଣ୍ଡିମେଥାଲିନ୍ (୩୦ ଇ.ସି.)କୁ ୫୦୦ ଲିଟର ପାଣିରେ ମିଶାଇ ଜମି ଉପରେ ସିଞ୍ଚନ କଲେ ଘାସ ନିୟନ୍ତ୍ରଣ ହୁଏ । ଏହାଛଡ଼ା ୨୦ ଦିନ ପରେ କୁଇଥାଲ ଫପଇଥାଇଲ ୫% ଏସ୍.ଏଲ୍. (ଟାର୍ଗା ସୁପର) ହେକ୍ଟର ପ୍ରତି ଏକ ଲିଟର ପାଣିରେ ଗୋଳାଇ ସିଞ୍ଚନ କଲେ ମଧ୍ୟ ଘାସ ନିୟନ୍ତ୍ରିତ ହୁଏ ।

**ରୋଗ ପୋକ ପରିଚାଳନା :**



**ମୁଖ୍ୟ ରୋଗ ଓ ଏହାର ନିରାକରଣ**

**ଶୁଷ୍କ ଚେର ପଚା ଓ କାଣ୍ଡ ପଚା ରୋଗ**

ଏହା ବର୍ଷା ଦିନେ ଦେଖାଯାଏ । ଗଛର ଚେର ଅଗ୍ର ଭାଗରୁ ପଚିଯାଏ, ମାଟିର ଠିକ୍ ଉପରକୁ ମୂଳ ପାଖରେ ପଚିଯାଏ ଓ ଶେଷରେ ଗଛଟି ସମ୍ପୂର୍ଣ୍ଣ ମରିଯାଏ । ଏହି ପରିସ୍ଥିତିରେ ଜଳ ନିଷ୍କାସନର ସୁବ୍ୟବସ୍ଥା କରିବା ସହିତ ଗଛର ମୂଳ ଭାଗକୁ ରିଡ଼ୋମିଲ୍ ଏମ୍.ଜେଡ୍. ଔଷଧ (୦.୧୫%)ରେ ଭିଜାଇ ଦିଅନ୍ତୁ ।

**ସାହେବୀ ରୋଗ**



ଏହି ରୋଗ ଧଳା ମାଛି ଦ୍ୱାରା ବ୍ୟାପିଥାଏ, ଏହା ଦେଖାହେଲେ ପତ୍ରରେ ହଳଦୀ ଓ ସବୁଜ ଛାପା ଛାପା ଦାଗ ଦେଖାଯାଏ ।

- ଏହାର ପରିଚାଳନା ପାଇଁ ଆକ୍ରାନ୍ତ ଗଛକୁ ଦୂରରେ ଉପାଡ଼ି ଫୋପାଡ଼ି ଦିଅନ୍ତୁ କିମ୍ବା ପୋତି ଦିଅନ୍ତୁ ।
- ଭିଟାଭାକ୍ସ ପାଓ୍ୱାରରେ ବିହନ ବିଶୋଧନ କରନ୍ତୁ ।
- ଥାୟୋମିଥୋକ୍ସାମ୍ ଔଷଧ ଏକର ପିଛା ୪୦ ଗ୍ରାମ୍ ହିସାବରେ ସିଞ୍ଚନ କରନ୍ତୁ ।

**ପାଉଁଶିଆ ରୋଗ**



ଥଣ୍ଡା ଓ ଶୁଖିଲା ପାଗରେ ଏହି ରୋଗ ଅଧିକ ହୁଏ । ଏହି ରୋଗ ହେଲେ ଧୂସର ଓ ଧଳା ପାଉଁଶ ଦାଗ ପତ୍ର ସାରା ଦେଖାଯାଏ ।
ଏହି ରୋଗର ନିରାକରଣ ନିମନ୍ତେ ଏକ ଲିଟର ପାଣିରେ ୧.୫ ଗ୍ରାମ୍ ହିସାବରେ ଟିଲଟ୍ କିମ୍ବା ୨.୫ ଗ୍ରାମ୍ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ ।

**ମୁଖ୍ୟ ପୋକ ଓ ଏହାର ନିୟନ୍ତ୍ରଣ**

**ଜଉପୋକ, ପତ୍ରଡ଼ିଆଁ ପୋକ ଓ ଧଳା ମାଛି**



ଏମାନେ ଶୋଷକ ଜାତୀୟ ପୋକ । ଏହି ଶୋଷକ ପୋକମାନେ ମୁଗରେ ଅଧିକ ପରିମାଣରେ ଲାଗିଥାଆନ୍ତି । ଜଉପୋକ ଫୁଲ, ଛୁଇଁ ଓ ପତ୍ରରୁ ରସ